ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

### ସାରା ରାଜ୍ୟରେ ଧାନ ସଂଗ୍ରହ କାର୍ଯ୍ୟ ତ୍ୱରାନ୍ୱିତ

## ଆଜି ସୁଦ୍ଧା ୩୯ ଲକ୍ଷ ୫୦ ହଜାର ୭୮୫ ଟନ ଧାନ ସଂଗ୍ରହ

### ଧାର୍ଯ୍ୟ ଲକ୍ଷ୍ୟର ୭୯ ପ୍ରତିଶତ ଧାନ ସଂଗ୍ରହ ହେଲାଣି

ଭୁବନେଶ୍ୱର, ୦୩ ଫେବୃଆରୀ, ୨୦୨୦

ସାରା ରାଜ୍ୟରେ ଚଳିତ ଖରିଫ୍ ଧାନ ସଂଗ୍ରହ କାର୍ଯ୍ୟ ପୂର୍ଣ୍ଣମାତ୍ରାରେ ଚାଲିଥିବାବେଳେ ଫେବୃଆରୀ ୩ ତାରିଖ ସୁଦ୍ଧା ରାଜ୍ୟ ସରକାରଙ୍କ ଦ୍ୱାରା ୩୯ ଲକ୍ଷ ୫୦ ହଜାର ୭୮୫ କ୍ୱିଣ୍ଟାଲ୍ ଧାନ ବିଭିନ୍ନ ଧାନ ସଂଗ୍ରହ କେନ୍ଦ୍ର ଜରିଆରେ କରାଯାଇଛି ଯାହା ଧାର୍ଯ୍ୟ ଲକ୍ଷ୍ୟର ୭୯ ପ୍ରତିଶତରୁ ଅଧିକ । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ରାଜ୍ୟ ସରକାର ଖରିଫରେ ୫୦ ଲକ୍ଷ ଟନ ଧାନ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଧାନ ସଂଗ୍ରହ କାର୍ଯ୍ୟ ଚଳିତ ବର୍ଷ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ଚାଲିବ ।

ସମସ୍ତ ୩୦ଟି ଜିଲ୍ଲାରେ ୩୫୪୨ଟି ଧାନ ସଂଗ୍ରହ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କ ପି-ପାସ୍ ଓ ଆଗୁଆ ଟୋକେନ୍ ପ୍ରଦାନ ମାଧ୍ୟମରେ ଚଳିତ ଧାନ ସଂଗ୍ରହ କାର୍ଯ୍ୟ କରାଯାଉଛି । ଏ ପର୍ଯ୍ୟନ୍ତ ଚାଷୀମାନଙ୍କୁ ସମୁଦାୟ ୯ ଲକ୍ଷ ୫୪ ହଜାର ୮୭୦ଟି ଆଗୁଆ ଟୋକେନ୍ ପ୍ରଦାନ କରାଯାଇଥିବାବେଳେ ଆଜି ସୁଦ୍ଧା ୬ ଲକ୍ଷ ୮୦ ହଜାର ୧୦୧ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି । ଗତ ବର୍ଷ ଆଜିର ଦିନରେ ମୋଟ ୩୯ ଲକ୍ଷ ୪୫ ହଜାର ୬୦୬ ଟନ ଧାନ ସଂଗ୍ରହ ହୋଇଥିବାବେଳେ ୨୦୨୦ ଫେବୃଆରୀ ୩ ତାରିଖ ସୁଦ୍ଧା ୩୯ ଲକ୍ଷ ୫୦ ହଜାର ୭୮୫ ଟନ ଧାନ ସଂଗ୍ରହ ହୋଇଛି । ଅଧିକ ଧାନ ସଂଗ୍ରହ ହୋଇଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ବରଗଡ଼ରୁ ୬ ଲକ୍ଷ ୨୧ ହଜାର ୬୭୦ ଟନ, ବଲାଙ୍ଗୀରରୁ ୨ ଲକ୍ଷ ୭୫ ହଜାର ୨୩ ଟନ, ଗଞ୍ଜାମ ଜିଲ୍ଲାରୁ ୨ ଲକ୍ଷ ୩୭ ହଜାର ୬୫୬ ଟନ, କଳାହାଣ୍ଡିରୁ ୪ ଲକ୍ଷ ୨୩ ହଜାର ୫୬୮ ଟନ, କୋରାପୁଟରୁ ୧ ଲକ୍ଷ ୯୮ ହଜାର ୮୧୯ ଟନ, ନବରଙ୍ଗପୁର ୧ ଲକ୍ଷ ୨୪ ହଜାର ୧୬୭ ଟନ, ନୂଆପଡ଼ା ଜିଲ୍ଲାରୁ ୧ ଲକ୍ଷ ୧୪ ହଜାର ୧୦୪ ଟନ, ସମ୍ବଲପୁର ଜିଲ୍ଲାରୁ ୨ ଲକ୍ଷ ୯୦ ହଜାର ୫୯୧ ଟନ, ସୁବର୍ଣ୍ଣପୁର ଜିଲ୍ଲାରୁ ୩ ଲକ୍ଷ ୯ ହଜାର ୫୨୬ ଟନ ଏବଂ ସୁନ୍ଦରଗଡ଼ ଜିଲ୍ଲାରୁ ୧ ଲକ୍ଷ ୧୯ ହଜାର ୮୫୦ ଟନ ଧାନ ସଂଗ୍ରହ କରାଯାଇଛି । ଧାନ ସଂଗ୍ରହ ଅର୍ଥ ବାବଦକୁ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆଜି ସୁଦ୍ଧା ପ୍ରାୟ ୬୫୫୩ କୋଟି ୭୧ ଲକ୍ଷ ଟଙ୍କା ହସ୍ତାନ୍ତର କରାଯାଇଛି ।

ତାପସ କୁମାର ସାହା
ସୂଚନା ଅଧିକାରୀ